ଜୀବମଙ୍ଗଳ

# ଜୀବମଙ୍ଗଳ ପକ୍ଷ ଓ ଏସ୍.ପି.ସି.ଏ

■ ନୀହାର ରଂଜନ ମାନସିଂହ
ଏସ୍.ପି.ସି.ଏ ଇନ୍ସପେକ୍ଟର, ପୁରୀ

ବିଲାତର ଏକ କୋଇଲା ଖଣି ନିକଟରେ ବାପାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଧରି ଅପେକ୍ଷା କରିଥାଏ ବାରବରଷର ବାଳକଟିଏ। ଦୃଷ୍ଟି ତାର ନିବଦ୍ଧ ଥାଏ ଘୋଡ଼ା ଟଣା କୋଇଲା ୱାଗନ ଉପରେ। ପ୍ରଚଣ୍ଡ ରୌଦ୍ର ତାପରେ ଚାଳକ ଠାରୁ ବାରମ୍ବାର ଚାବୁକ ମାଡ଼ ଖାଇ ବୋଝେଇ କୋଇଲା ୱାଗନ ଟାଣୁଥିବା ନିରୀହ ପଶୁଟିର ବେଦନା-କାତର-ଅବସ୍ଥା ବାଳକଟି ମନରେ ସେଦିନ ଗଭୀର ରେଖାପାତ କରିଥିଲା। ସେ ବୁଝିପାରି ଥିଲା ମୂକ-ପଶୁ-ପ୍ରାଣର ଅସ୍ପଷ୍ଟ ବେଦନା। ସେଥିପାଇଁ ପରବର୍ତ୍ତୀ କାଳରେ ଗଭୀର ଅଧ୍ୟବସାୟ ଓ ଅବିଚ୍ଛିନ୍ନ ଉଦ୍ୟମ ବଳରେ ସେ ଉଦ୍ଭାବନ କଲା ବାଷ୍ପ ଚାଳିତ ଗାଡ଼ି - ରେଳଗାଡ଼ି। ନାଁ ତାର ଜର୍ଜ ଷ୍ଟିଫେନ୍‌ସନ୍। ଷ୍ଟିଫେନ୍‌ସନ୍‌ଙ୍କ ଉଦ୍ଭାବିତ ରେଳଗାଡ଼ି ପୋଛିଦେଲା ଖାଲି କୋଇଲା ବୁହା ଘୋଡ଼ାଙ୍କ ଆଖିର ଲୁହ ନୁହେଁ, ହଜାର ହଜାର ଭାରବାହୀ ପ୍ରାଣୀଙ୍କ ଆଖିର ଅଶ୍ରୁ। ଘୋଡ଼ାଟିର ବ୍ୟଥା ଓ ବେଦନାରେ ବାଳକ ପ୍ରାଣ ସେଦିନ ବିଚଳିତ ହୋଇ ଉଠିଥିବା ବେଳେ ଆଜି ଆମେ ଆମର ଚାରିପଟେ ଥିବା ପ୍ରାଣୀମାନଙ୍କ ପ୍ରତି ଯେଉଁ ଅମାନୁଷିକ ନିଷ୍ଠୁର ଆଚରଣ କରୁଛୁ, ତାହା ପ୍ରକାରାନ୍ତରେ ମାନବ ସମାଜକୁ ଧ୍ୱଂସ ମୁଖକୁ ଟାଣି ନେଉଛି କହିଲେ ଭୁଲ ହେବନି।

ପୃଥିବୀ ପୃଷ୍ଠରେ ମନୁଷ୍ୟର ସୃଷ୍ଟି ହେବା ଦିନଠାରୁ ପଶୁପକ୍ଷୀମାନେ ସର୍ବଦା ସେମାନଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସାହାଯ୍ୟ କରିଆସୁଛନ୍ତି। ବଣ ଜଙ୍ଗଲର ଆଦିମାନବ ପଶୁପକ୍ଷୀଙ୍କ କଞ୍ଚା ମାଂସ ଖାଇ ବଞ୍ଚୁଥିଲା। କ୍ରମେ ଯାଯାବର ଜଙ୍ଗଲୀ ମଣିଷ ଯେତେବେଳେ ସ୍ଥାୟୀ ଭାବେ ବସବାସ କରିବାକୁ ଲାଗିଲା, ସେତେବେଳେ ସେ କୃଷି ଓ ଗୋ-ପାଳନ ପାଇଁ ସଂପୂର୍ଣ୍ଣ ଭାବେ ଭରଷା ରଖିଲା ଏଇ ଗାଈ ବଳଦ ଆଦି ପଶୁମାନଙ୍କ ଉପରେ। ଧୀରେ ଧୀରେ ସଭ୍ୟତାର ବିକାଶ ଘଟିବାରୁ ସଭ୍ୟ ସୁଶିକ୍ଷିତ ମଣିଷ ଜାତି ପଶୁପକ୍ଷୀ ଆଦି ଜୀବଜନ୍ତୁଙ୍କ ଉପରେ ଅଧିକ ନିର୍ଭରଶୀଳ ହେଲା। ଚାଷ ପାଇଁ ବଳଦ, ଦୁଧ ପାଇଁ ଗାଈ, ମାଂସ ପାଇଁ ଛେଳି, ମେଣ୍ଢା, କୁକୁଡ଼ା ଆଦି ଆବଶ୍ୟକ ହେଲେ। ଗଧ ଓ ଓଟ ଭାର ବୋହିଲେ। ଓଟକୁ ମଣିଷ "ମରୁଭୂମିର ଜାହାଜ" ବୋଲି କହିଲା। ଘୋଡ଼ା ଓ ହାତୀ ମଣିଷକୁ ପିଠିରେ ବସାଇ ଦୁର୍ଗମ ଅଞ୍ଚଳ ପାରିକଲେ। ଶୁଆ, ଶାରୀ ଗୀତ ଗାଇ, କୋକିଳ କୁହୁତାନ ଶୁଣାଇ ତା'ମନ ମୋହିଲେ, ପାରା ଦୁର୍ଗମ ଅଞ୍ଚଳକୁ ଡାକ ନେବା ଆଣିବା କଲା। ପ୍ରଭୁଭକ୍ତ ବିଶ୍ୱସ୍ତ କୁକୁର ମଣିଷ ଧନ ଜୀବନର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କଲା। ଏତଦ୍ ଭିନ୍ନ ପଶୁପକ୍ଷୀମାନେ ପରୋକ୍ଷ ଭାବରେ ଯେଉଁ ଗୁରୁ ଦାୟିତ୍ୱ ସଂପାଦନ କରି ମନୁଷ୍ୟ ସଭ୍ୟତାର ଅଶେଷ କଲ୍ୟାଣ ସାଧନ କରୁଛନ୍ତି ତାହାହେଲା, ଜୀବ ବିଜ୍ଞାନୀଙ୍କ- 'ଖାଦ୍ୟ ଶୃଙ୍ଖଳ' 'ଖାଦ୍ୟ-ଜାଲି'ରେ ସେମାନଙ୍କର ଭୂମିକା ଓ ଅଙ୍ଗାର ଚକ୍ର, ଅମ୍ଳଜାନ ଚକ୍ର ଓ ଯବକ୍ଷାରଜାନ ଚକ୍ର ଇତ୍ୟାଦିରେ ସେମାନଙ୍କର ଆବଶ୍ୟକତା। ଯାହା ଫଳରେ ପ୍ରକୃତିର ଭାରସାମ୍ୟ ସନ୍ତୁଳିତ ଅବସ୍ଥାରେ ରହିପାରିବା ସଂଗେ ସଂଗେ ପରିବେଶ ସୁସ୍ଥ ଓ ନିରାପଦ ରହିପାରୁଛି। ମାତ୍ର, ଦୁଃଖ ଓ ପରିତାପର ବିଷୟ, ଯେଉଁ ଜୀବଜନ୍ତୁମାନେ ଆମର ଏତେ ଉପକାରୀ, ଆମେ ଅନେକ ସମୟରେ ତାଙ୍କ ପ୍ରତି ନିଷ୍ଠୁର ହେଉ, ଚାଷ କାମରେ କିମ୍ବା ଗାଡ଼ି ଟାଣିବାରେ ଅତ୍ୟଧିକ ଚାପ ଯୋଗୁଁ ବଳଦ ଅକ୍ଷମତା ପ୍ରଦର୍ଶନ କଲେ ଆମେ ତାକୁ ନିର୍ମମ ଭାବେ ପ୍ରହାର କରୁ। ତାର ରୋଗକୁ ହେୟଜ୍ଞାନ କରି ଚିକିତ୍ସା କରୁନା, ବୁଢ଼ା ହୋଇଗଲେ ଯତ୍ନ ନେଉନା, ଡେଙ୍ଗିଣିରେ ତା'ର କାଉ ହାଣନ୍ତି। ବିଚରା ହଡ଼ ବଳଦଟି ଆଖିରୁ ଅଭିଶାପର ଲୁହ ଢାଳି ଅସହାୟ ଅବସ୍ଥାରେ ଏଣେତେଣେ ବୁଲି ବଂଚିବା ପାଇଁ ସଂଗ୍ରାମ କରୁଥିବା ବେଳେ କଂସେଇ ହାତରେ ଟେକାହୁଏ। ସେହିପରି ଗାଈ ଦୁହିଁବା ବେଳେ ଦୁଷ୍କାମୀ କଲେ ଗଉଡ଼ ଡାକି ଅତି ବର୍ବରୋଚିତ ଭାବେ ଗାଈକୁ ଫୁଙ୍କ ଦେଉ। ତା ବଛାର ମୁଷ୍କ ଛେଦନ ପାଇଁ ଉନ୍ନତି ବୈଜ୍ଞାନିକ-ଡାକ୍ତରୀ ପ୍ରଣାଳୀ ପରିବର୍ତ୍ତେ ନିଷ୍ଠୁର ଦେଶୀ-ପ୍ରଣାଳୀ ଅନୁସରଣ କରୁ। କେବଳ ଗାଈ ବଳଦ ନୁହଁନ୍ତି, ପ୍ରାୟ ପ୍ରତ୍ୟେକ ଶ୍ରେଣୀର ପ୍ରାଣୀଙ୍କ ପ୍ରତି ଆମେ ଆମର ଦୈନନ୍ଦିନ କର୍ମରେ ନିଷ୍ଠୁର ଆଚରଣ ଦେଖାଇଥାଉ। କୁକୁର, ବିଲେଇ ଅସୁସ୍ଥ ହେଲେ ପରବାଏ କରୁନା, ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦିର ମାଂସ ଖାଇବୁ ବୋଲି ସେମାନଙ୍କୁ ସର୍ବସମକ୍ଷରେ ଛଟପଟ କରି ବଧ କରୁ। ପକ୍ଷୀର କାକଳୀ ଅପେକ୍ଷା ତା'ର କଅଁଳ ମାଂସ ଅଧିକ ପ୍ରୟୋଜନୀୟ ମନେକରୁ।

ଭଗବାନଙ୍କ ସୃଷ୍ଟିରେ ସବୁ ପ୍ରାଣୀ ସମାନ। ମଣିଷ ପରି ସେମାନଙ୍କର ମଧ୍ୟ ବଂଚି ରହିବାର ସମାନ ଅଧିକାର ଅଛି। ଭଗବାନ କହନ୍ତ, ହିଂସା, ଦ୍ୱେଷ ପରିହାର କରି ପ୍ରତ୍ୟେକ ପ୍ରାଣୀକୁ ଭଲ ପାଇବା ଅର୍ଥ ମୋ ପ୍ରତି ସର୍ବଶ୍ରେଷ୍ଠ ଭକ୍ତି ପ୍ରଦର୍ଶନ କରିବା। ଜୀବପ୍ରତି ନିର୍ଦ୍ଦୟ ମଣିଷ ସାକ୍ଷାତ ଚଣ୍ଡାଳ ସମାନ। ସେଥିପାଇଁ କୁହାଯାଇଛି ଜୀବରେ ଯା'ର ଦୟା ନାହିଁ ଉଦ୍ଧବ ଚଣ୍ଡାଳଟି ସେ ହିଁ। ଗାନ୍ଧୀ, ବୁଦ୍ଧ, ବାଲ୍ମିକୀ, ଯିଶୁ ଆଦି ମହାପୁରୁଷମାନେ ବି ଜଣେ ଜଣେ ମଣିଷ। ରୋଗାର୍ତ୍ତ ଜୀବର କ୍ଷୁଣ ବିଳାପରେ ସେମାନଙ୍କ ହୃଦୟ ବିଚଳିତ ହୋଇ ଉଠୁଥିଲା। ଅନ୍ଧ-କନ୍ଧ-ସନ୍ଥ ଭୀମ ଭୋଇ କହୁଥିଲେ- "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।" ବ୍ୟାଧ-ଶରାହତ କ୍ରୌଞ୍ଚ ପକ୍ଷୀର ଦାରୁଣ ଦଶା ଅବଲୋକନ କରି ତମସାତୀର ନିବାସୀ ମହର୍ଷି ବାଲ୍ମିକୀଙ୍କ ଶୁଷ୍କ ଭିଜା ଅଶ୍ରୁରେ ରଚିତ ହୋଇଥିଲା ପୃଥିବୀର ଆଦ୍ୟ ଶ୍ଲୋକ। ପ୍ରାଣାନ୍ତକ ଯନ୍ତ୍ରଣାରେ ଛଟପଟ ହେଉଥିବା ଶରବଦ୍ଧ ହଂସରାଜିର ଜୀବନ ବଞ୍ଚାଇବାକୁ ଯାଇ ମହାତ୍ମା

ଗୌତମ-ବୁଦ୍ଧ ଦେବଦତ୍ତଙ୍କୁ ପକ୍ଷୀ ଶିକାରରୁ ନିବୃତ କରାଇ ପାରିଥିଲେ। ନିଷ୍ଠୁରତାର ନିର୍ମମ ପରିହାସ ସେଦିନ ଧଉଳି ପାହାଡ଼ ଚୂଡ଼ାରେ ବିଶ୍ୱତ୍ରାଂସ "ଚଣ୍ଡାଶୋକ"କୁ "ଧର୍ମାଶୋକ"ରେ ପରିଣତ କରିଥିଲା। ମହାରାଜା ଶିବୀ ସାମାନ୍ୟ ଗୋଟିଏ କପୋତ ପକ୍ଷୀ ପ୍ରାଣ ବିନିମୟରେ ନିଜ ଦେହରୁ ପଳ-ପଳ ମାଂସ କାଟି ଛଞ୍ଚାଣ ଖାଦ୍ୟ ପାଇଁ ତରାଜୁରେ ଥୋଇ ଦେଇଥିଲେ ଏହି ପରି ଅଯୁତ ଉଦାହରଣର ଅଭାବ ନାହିଁ। ତଥାପି ଏସବୁ ଜାଣି ମଧ ମଣିଷ ଅଜଣା। ପୋଥିପୁରାଣ ପଢ଼ି ମଧ ପଥବଣା।

ପଶୁପକ୍ଷୀଙ୍କ ପ୍ରତି ସଭ୍ୟ ମନୁଷ୍ୟର ବର୍ବୋରଚିତ କାର୍ଯ୍ୟ ଯୋଗୁଁ ସେମାନଙ୍କର ବଂଶ ଲୁପ୍ତ ହୋଇଯିବାକୁ ବସିଲାଣି। ଫଳରେ ସେଇମାନଙ୍କୁ କିପରି ସୁରକ୍ଷା ଦିଆଯାଇ ପୃଥିବୀକୁ ନିଶ୍ଚିତ ଏକ ଧ୍ୱଂସ ମୁଖରୁ ରକ୍ଷା କରାଯାଇ ପାରିବ- ଏହାହିଁ ଜୀବମଙ୍ଗଳ ପକ୍ଷ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ। ସେଥିପାଇଁ ୧୮୨୪ ମସିହା ଜୁନ୍ ୧୬ ତାରିଖରେ ପୃଥିବୀର ପ୍ରଥମ ଜୀବମଙ୍ଗଳ ସମିତି ଇଂଲଣ୍ଡ ଠାରେ ଗଠନ କରାଯାଇ ଥିଲା। ପରବର୍ତ୍ତି ସମୟରେ ଏହା ତତ୍କାଳୀନ ମହାରାଣୀଙ୍କ ସହାୟତାରେ ରୟାଲ ଏସ୍.ପି.ସି.ଏ ନାମରେ ପରିଚିତ ହୋଇ ପୃଥିବୀର ଚାରିଆଡ଼କୁ ବ୍ୟାପିଲା। ଭାରତର ଜୀବମଙ୍ଗଳ ପାଇଁ ଜୁଣିତ ଏକ ମାତ୍ର ଆଇନକୁ ଜୀବ ନିଷ୍ଠୁରତା ନିରାକରଣ ଆଇନ, ୧୯୬୦ ବା Prevention of Cruelty to Animals' Act, ୫୯.୧୯୬୦ ନାମରେ ନାମିତ କରାଯାଇଛି। ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟ ଓଡ଼ିଶାରେ ମଧ "ରାଜ୍ୟ ଜବେ ନିଷ୍ଠୁରତା ନିରୋଧ ସମିତି" ବା State Society for the prevention of Cruelty to Animals-SPCA ପ୍ରତ୍ୟେକ ଜିଲ୍ଲାରେ ଗଠନ କରାଯାଇ ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରଭାବ ପ୍ରଦର୍ଶନ କରୁଥିବା ଅପରାଧୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା କରାଯାଇଛି। ଏଥିରେ ନିଯୁକ୍ତି ପାଇଥିବା ଏସ୍.ପି.ସି.ଏ-ଇନ୍‌ସପେକ୍ଟର ମାନେ ପଶୁପକ୍ଷୀଙ୍କ ପ୍ରତି ନିର୍ମମ ଆଚରଣ ଦେଖାଯାଉଥିବା ଯେ କୌଣସି ଆସାମୀ ନାମରେ କେଶ୍ ଦାୟର ପାଇଁ କ୍ଷମତା ପାଇଛନ୍ତି। ଅଭିଯୁକ୍ତ ବ୍ୟକ୍ତି ଜେଲ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବାର ଆଇନରେ ବ୍ୟବସ୍ଥା ଅଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆମ ରାଜ୍ୟରେ ବିଭିନ୍ନ ସହରମାନଙ୍କରେ ପଶୁପକ୍ଷୀଙ୍କ ପାଇଁ ଭ୍ରାମ୍ୟମାଣ ଅଦାଲତ ଗଠନ କରାଯାଇ ଆସାମୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତାକୁ ତରନ୍ତ ରୋକାଯାଇ ପାରୁଛି।

ଏହି ଆଇନ୍‌ର ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଥିବା କେତେଗୁଡ଼ିଏ ଅପରାଧ ହେଉଛି-

୧. ପଶୁପକ୍ଷୀମାନଙ୍କୁ ଅମାନୁଷିକ ଭାବେ ମାରିବା, ଅତ୍ୟଧିକ ମାଲ୍ ସେମାନଙ୍କ ପିଠିରେ ଲଦିବା, ପଶୁମାନେ ଭିଡୁଥିବା ଗାଡ଼ିକୁ କୌଣସି କାରଣ ନଥାଇ ଦଉଡ଼ାଇବା।
୨. ରୋଗହେବା ବା ବାର୍ଦ୍ଧକ୍ୟ ଭୋଗୁଥିବା ଜନ୍ତୁକୁ କାମରେ ଲଗାଇବା।
୩. ଡାକ୍ତରଙ୍କ ବିନା ପରାମର୍ଶରେ ସେମାନଙ୍କଠାରେ ଔଷଧ ପ୍ରୟୋଗ କରିବା।
୪. ସ୍ଥାନାନ୍ତର କରିବା ସମୟରେ ଅମାନୁଷିକ ଭାବେ ଛୋଟ ଜାଗାରେ ମୋଡ଼ି ମାଡ଼ି ବା ସାଇକେଲ/ମୋଟର ସାଇକେଲ୍ ହ୍ୟାଣ୍ଡଲରେ ଓହଳାଇ ନେବା।
୫. ଛୋଟ ଚେନ୍ ବା ଦଉଡ଼ି ବା ଓଜନିଆ ଚେନ୍‌ରେ ଘଣ୍ଟା ଘଣ୍ଟା ଧରି ବାନ୍ଧି ରଖିବା।
୬. ଅଯଥାରେ ଜନ୍ତୁମାନଙ୍କର କାନ, ଲାଞ୍ଜ, ଅଣ୍ଡ ଇତ୍ୟାଦି କାଟିବା।
୭. ରାସ୍ତା କଡ଼ରେ ଗୋଟିଏ ପଶୁ ଆଗରେ ଆଉ ଗୋଟିକୁ ଅତି ନିର୍ଦ୍ଦୟ ଭାବେ ହତ୍ୟା କରିବା।
୮. ପଶୁପକ୍ଷୀଙ୍କୁ ପରସ୍ପର ଭିତରେ ଯୁଦ୍ଧ ବା କାମୁଡ଼ା କାମୁଡ଼ି ପାଇଁ ପ୍ରବର୍ତ୍ତାଇବା।
୯. ଅଧିକ କ୍ଷୀର ପାଇଁ ଦୁହାଁଳିଆ ପଶୁମାନଙ୍କ ଯୌନାଙ୍ଗରେ ଅମୃତ ଭଣ୍ଡା ନାଡ଼ ପୁରାଇ ଫୁଙ୍କା ଦେବା ଇତ୍ୟାଦି।

ଏହା ଛଡ଼ା ଭ୍ରାମ୍ୟମାଣ ଚିଡ଼ିଆଖାନା ଓ ସର୍କସରେ ବାଘ, ଭାଲୁ, ସିଂହ, ମାଙ୍କଡ଼ ଓ ଚିତାବାଘକୁ ପ୍ରଦର୍ଶିତ ନ କରିବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିସାରିଲେଣି। ସଂପୂର୍ଣ୍ଣ ରୂପେ ସର୍କସ ଓ ଚିଡ଼ିଆଖାନାକୁ ବନ୍ଦକରି ସେଥିରେ ବ୍ୟବହାର କରାଯାଉ ଥିବା ପଶୁପକ୍ଷୀଙ୍କୁ ମୁକ୍ତ କରିବା ପାଇଁ ଯେଉଁ ଆଲୋଡ଼ନ ବର୍ତ୍ତମାନ ପୃଥିବୀର ଚାରିପଟୁ ସୃଷ୍ଟି ହେଉଛି ତାହା ନିଶ୍ଚିତ ରୂପେ ଏ ଶତାବ୍ଦୀର ଏକ ଶୁଭ ସୂଚନା ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ବିଜ୍ଞାନ ଛାତ୍ର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଜୀବମାନଙ୍କ ପ୍ରତି ଆନ୍ତରିକତାର ଭାବନାକୁ ଜାଗ୍ରତ କରାଇବାରେ ଯତ୍ନବାନ ହେଉଛନ୍ତି। ବୈଜ୍ଞାନିକଙ୍କର ଗବେଷଣାରେ ଅନାବଶ୍ୟକ ଭାବେ ବ୍ୟବହୃତ ଜୀବଜନ୍ତୁଙ୍କୁ କେନ୍ଦ୍ରସରକାର ବିଭିନ୍ନ କମିଟି ମାଧ୍ୟମରେ ନିୟନ୍ତ୍ରଣ କରାଇବାରେ ବର୍ତ୍ତମାନ ସଂପୂର୍ଣ୍ଣ ସମର୍ଥ ହେଲେଣି ଯାହା ଏକ ନୂତନ ସକାଳର ଅରୁଣୋଦୟ।

ଏହି ସଂସ୍ଥା ଯେ କେବଳ "ଜୀବେ ନିଷ୍ଠୁରତା ନିରୋଧ ଆଇନ"କୁ କାର୍ଯ୍ୟକାରୀ କରି ପଶୁପକ୍ଷୀଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକି ପାରୁଛି ତା ନୁହେଁ। ରାଜ୍ୟରେ ଅବହେଳିତ ପ୍ରାଣୀମାନଙ୍କର ମଙ୍ଗଳ ପାଇଁ ଯେଉଁ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କରିଚାଲିଛି ସେଗୁଡ଼ିକ ମଧ୍ୟରେ-

କ) ସମିତି ତରଫରୁ ଚିକିତ୍ସାଳୟମାନ ଖୋଲି ମାଗଣାରେ ପଶୁପକ୍ଷୀମାନଙ୍କର ଚିକିତ୍ସାର ସୁବିଧା କରାଇବା।
ଖ) ଗରିବ ଲୋକଙ୍କ ଗୃହପାଳିତ ପଶୁପକ୍ଷୀମାନଙ୍କୁ ସମିତି ଖର୍ଚ୍ଚରେ ବା ମାଲିକଙ୍କ ସ୍ୱଳ୍ପ ଖର୍ଚ୍ଚରେ ଆଶୁ ଚିକିତ୍ସାର ବ୍ୟବସ୍ଥା କରାଇବା।
ଗ) ଖରାଦିନେ ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ସ୍ଥାନରେ କୁଣ୍ଡ ନିର୍ମାଣ କରି ପିଇବା ପାଣିର ବ୍ୟବସ୍ଥା କରାଇବା।
ଘ) ଅକର୍ମଣ୍ୟ ଓ ବୃଦ୍ଧ ଗୋ-ମହିଷାଦିଙ୍କ ପାଇଁ ଗୋ-ସଦନ ସ୍ଥାପନ କରି ସେମାନଙ୍କର ଯତ୍ନ ଦେବା।
ଙ) ଦୈବୀ ଦୁର୍ବିପାକ ସମୟରେ ଦୁର୍ଦ୍ଦଶାଗ୍ରସ୍ତ ପଶୁମାନଙ୍କୁ ରିଲିଫ୍ ଯୋଗାଇବା।
ଚ) ବୁଲା କୁକୁରମାନଙ୍କୁ ଅମାନୁଷିକ ଭାବେ ନ ମାରି, ସେମାନଙ୍କ ବଂଶ ବୃଦ୍ଧି ରୋକିବା ନିମନ୍ତେ ବନ୍ଧ୍ୟାକରଣର ପଦକ୍ଷେପ ନେବା।

ଛ) ଗ୍ରାମାଞ୍ଚଳରେ ଗୋ-ଚିକିତ୍ସା ଶିବିରର ଆୟୋଜନ କରି ମାଗଣାରେ ଡାକ୍ତରୀ ସୁବିଧା ଓ ଔଷଧ ଯୋଗାଇ ଦେବା।

ଜ) ପ୍ରାଣୀମାନଙ୍କ ପ୍ରତି ଲୋକଙ୍କ ହୃଦୟ ପରିବର୍ତ୍ତନ ସକାଶେ ପ୍ରଚାର ଓ ଶିକ୍ଷାର ବ୍ୟବସ୍ଥା କରିବା ଇତ୍ୟାଦି ଅନ୍ୟତମ।

ତଥାପି ଏଭଳି ଏକ ବୃହତ୍ତର ସମସ୍ୟାର ସମାଧାନ ପାଇଁ ଏତିକି ଯଥେଷ୍ଟ ନୁହେଁ। ଏଥିପାଇଁ ବହୁତ କିଛି କରିବାକୁ ପଡ଼ିବ ଓ ଆମକୁ ଏଥିପାଇଁ ଲଢ଼ିବାକୁ ପଡ଼ିବ। ସେଥିପାଇଁ ବିଶ୍ୱ ସ୍ରୋତରେ ସାମିଲ ହୋଇ ଆମ ରାଜ୍ୟର ଜୀବେ ନିଷ୍ଠୁରତା ନିରୋଧ ସମିତି ଗୁଡ଼ିକ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଜାନୁଆରୀ ୧୪ ତାରିଖରୁ ଜୀବ ମଙ୍ଗଳ ପକ୍ଷ ପାଳନ କରି ରାଜ୍ୟର ଅଗଣିତ ଜନସାଧାରଣଙ୍କୁ ସୂଚେଇ ଦେଉଛି- ଜୀବେ ନିଷ୍ଠୁରତାର ଭୟାବହତା ସଂପର୍କରେ। କାରଣ ମଣିଷ ଏବେ ବୁଝିଲାଣି ଉପରେ ଓଜନ ମଣ୍ଡଳ ଓ ତଳେ ଜୈବ ମଣ୍ଡଳର କ୍ରମଶଃ ବିନାଶ ଯୋଗୁଁ ସେ ଯେଉଁ ବିପନ୍ନ ପୃଥିବୀରେ ଠିଆ ହୋଇଛି ତାହା ଯେ ଆହୁରି ବିପନ୍ନ ହୋଇଉଠିବ ଯଦି ଏହାର ଖୁବ୍ ଶୀଘ୍ର ଗୋଟାଏ ପରିବର୍ତ୍ତନ ନ ହୁଏ। ମାତ୍ର ଏହି ପରିବର୍ତ୍ତନ ନିଶ୍ଚିତ ହୋଇପାରିବ ସେତିକିବେଳେ, ଯେତେବେଳେ ସବୁଧର୍ମ, ସବୁ ସଂପ୍ରଦାୟ ଓ ସବୁ ଶ୍ରେଣୀର ଲୋକେ ଏକ ମନ, ଏକ ବିଶ୍ୱାସ ଓ ଏକ ମାନବୀୟ ଚେତନାରେ ଏକତ୍ର ହୋଇ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ଉଦ୍ଦେଶ୍ୟ ହୃଦୟଙ୍ଗମ କରିପାରିବେ। ତେବେ ଆସନ୍ତୁ ଆଜିର ଏଇ ପବିତ୍ର ଦିବସରେ ଶପଥ ନେବା-

ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାର ସୁଯୋଗ ଦେବା।
Live and Let live.

*(ସୌଜନ୍ୟ - ଆକାଶବାଣୀ , କଟକ)*

❖ ❖ ❖

## ପ୍ରାଣୀବିଚିତ୍ରା

# ପଶୁବଳି ପ୍ରସଙ୍ଗ ନେଇ ସରକାରରେ ଦ୍ୱିମତ

ପଶୁବଳି ବନ୍ଦ ପ୍ରସଙ୍ଗକୁ ନେଇ ସମଗ୍ର ରାଜ୍ୟରେ ସଚେତନତା ସୃଷ୍ଟି ଉଦ୍ୟମ ଚାଲିଥିବା ବେଳେ ଖୋଦ୍ ସରକାରଙ୍କ ଭିତରେ ମତଭେଦ ରହିଥିବା ଜଣାପଡ଼ିଛି। ଆଜି ରାଜ୍ୟସରକାରଙ୍କର ନଗର ଉନ୍ନୟନ ମନ୍ତ୍ରୀ ତଥା ପାଟଣାଗଡ଼ ମହାରାଜା କନକ ବର୍ଦ୍ଧନ ସିଂହଦେଓ ଏହା ସପକ୍ଷରେ ଯୁକ୍ତି କରିଛନ୍ତି ଓ ପ୍ରଥା ଏବଂ ପରମ୍ପରାକୁ ନିୟମ ଭିତରେ ଆବଦ୍ଧ କରାଯାଇପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଇଛନ୍ତି। କୁସଂସ୍କାର ଆଳରେ କାହାର କଣ୍ଠରୋଧ କରିବା ପୂର୍ବରୁ ପ୍ରତିଦିନ ରାଜରାସ୍ତା କଡ଼ରେ ଦିଆଯାଉଥିବା ପଶୁବଳି ପ୍ରଥମେ ବନ୍ଦ କରାଯିବା ଆବଶ୍ୟକ ବୋଲି ଆହ୍ୱାନ ଜଣାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟସରକାରଙ୍କର ଶିଳ୍ପ ତଥା ଆଇନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପଶୁବଳି ପ୍ରଥାକୁ ବନ୍ଦ କରାଯିବା ସପକ୍ଷରେ ମତ ଦେଇଛନ୍ତି। ସେ ବିଭିନ୍ନ ସମୟରେ ଏହି ପ୍ରଥା ବନ୍ଦ କରିବା ଲାଗି ଲୋକମାନଙ୍କୁ ପ୍ରବର୍ତ୍ତାଇଛନ୍ତି ବୋଲି ମଧ୍ୟ ସ୍ୱୀକାର କରିଛନ୍ତି। ତେବେ ଏହା ସହିତ ଧର୍ମୀୟ ଭାବନା ଯୋଡ଼ି ହୋଇଥିବାରୁ ଓ ଶହ ଶହ ବର୍ଷର ପରମ୍ପରା ଭାବେ ଏହି ବ୍ୟବସ୍ଥା ଚାଲୁ ରହିଥିବାରୁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିନାହାନ୍ତି। ମାତ୍ର ସମ୍ପ୍ରତି ଏ ନେଇ ସରକାରୀ ଭାବେ କୌଣସି କଟକଣା ଜାରି କରିବା ଉପରେ ପରୀକ୍ଷା ନିରୀକ୍ଷା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପବିତ୍ର ମହାଷ୍ଟମୀରେ ବିଭିନ୍ନ ଦେବୀଙ୍କ ନିକଟରେ ପଶୁବଳି ଦିଆଯିବା ପ୍ରସଙ୍ଗକୁ ନେଇ ଏବେ ସବୁ ଅଞ୍ଚଳରେ ପୁଣି ଥରେ ବିତର୍କ ଆରମ୍ଭ ହୋଇଛି। ବିଶେଷକରି ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ଼ରେ ରାଜ ପରିବାର ପକ୍ଷରୁ ଦିଆଯାଉଥିବା ୫ଟି ବଳିକୁ ନେଇ କଥା ଉଠିଛି। ଗୋଟିଏ ପଟେ ବଳି ବନ୍ଦ ନେଇ ଆନ୍ଦୋଳନ ପର୍ଯ୍ୟନ୍ତ କଥା ଯାଉଥିବା ବେଳେ ଅନ୍ୟପଟରେ ପାଟଣାଗଡ଼ ମହାରାଜା, ରାଜ୍ୟସରକାରଙ୍କର ଜଣେ ବରିଷ୍ଠ ମନ୍ତ୍ରୀ ହୋଇ ସୁଦ୍ଧା କିପରି ଏହାକୁ ଉତ୍ସାହିତ କରୁଛନ୍ତି, ଏହା ହିଁ ବିତର୍କର କାରଣ। ମାତ୍ର ଆଜି ମନ୍ତ୍ରୀ ଭୁବନେଶ୍ୱର ଫେରିବା ପରେ ସାମ୍ବାଦିକମାନଙ୍କ ନିକଟରେ ଯେଉଁ ଯୁକ୍ତି ଦର୍ଶାଇଛନ୍ତି ତାହା ଏବେ ଏହି ପ୍ରସଙ୍ଗକୁ ନୂଆ ମୋଡ଼ ଦେଇଛି। ମନ୍ତ୍ରୀ କହିଛନ୍ତି ଯେ ଦେବୀମାନଙ୍କୁ ତନ୍ତ୍ରବିଧିରେ ପୂଜା କରିବା ଘଟଣା ଆଜିର କଥା ନୁହେଁ। ଏହା ସହିତ ଶହ ଶହ ବର୍ଷର ପରମ୍ପରା ଯୋଡ଼ି ହୋଇ ରହିଛି। ପ୍ରତିବର୍ଷ ଦୁର୍ଗାପୂଜାରେ ପାଟଣାଗଡ଼ର ସ୍ଥାନୀୟ ଦେବୀ ପାଟଣେଶ୍ୱରୀ, କୁଳ ଦେବୀ ସମଲେଶ୍ୱରୀ ଓ ଦଶମତୀଙ୍କ ନିକଟରେ ପାଞ୍ଚଟି ଛାଗ ବଳି ଦିଆଯାଉଥାଏ। ଏହା ସହିତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକଙ୍କ ଭାବନା ସଂଶ୍ଳିଷ୍ଟ। ଭାରତର ସମ୍ବିଧାନ ଅନୁସାରେ କୌଣସି ପ୍ରଥା କିମ୍ବା ପରମ୍ପରା ଉପରେ କଟକଣା ଲାଗୁ କରାଯାଇପାରିବ ନାହିଁ କିମ୍ବା କୌଣସି ପ୍ରଥା ଓ ପରମ୍ପରାକୁ ସଂଶୋଧନ କରାଯାଇପାରିବ ନାହିଁ। ପୁଣି ରାସ୍ତାକଡ଼ରେ ପ୍ରତିଦିନ ଶତାଧିକ ଛେଳି, ମେଣ୍ଢାକୁ ବଳି ଦିଆଯାଉଥିବା ବେଳେ ଓ ଲୋକମାନେ ପ୍ରତିଦିନ ମାଂସ ଖାଉଥିବା ବେଳେ ଦେବୀଙ୍କ ପୂଜା ସହିତ ଯୋଡ଼ି ହୋଇ ରହିଥିବା ଏହି ପରମ୍ପରା ବନ୍ଦ କଲେ ମୂଳ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ପଷ୍ଟ କରିଦେଇଛନ୍ତି ଏବଂ ରାଜପରିବାର ସହିତ ଏହି ଯୋଡ଼ି ହୋଇ ରହିଥିବା ଏହି କଥାକୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି।

ମାତ୍ର ସେହି ଦଳର ଅନ୍ୟଜଣେ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହାକୁ ଦୃଢ଼ଭାବେ ବିରୋଧ କରନ୍ତି ବୋଲି କହିଛନ୍ତି। ଯଦିଓ ଏ ନେଇ କୌଣସି ଆଇନ ଏ ପର୍ଯ୍ୟନ୍ତ କରାଯାଇନାହିଁ କି କଟକଣା ପାଇଁ ସରକାର ବିଧିବଦ୍ଧ ସୁପାରିସ କରିନାହାନ୍ତି ତଥାପି ଏ ନେଇ ଚିନ୍ତନ ଚାଲିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କୌଣସି ମା କେବେ ତା'ର ସନ୍ତାନ ବଳି ଖାଇ ସନ୍ତୁଷ୍ଟ ହୁଏ ନାହିଁ ବୋଲି ମନ୍ତ୍ରୀ ପାଟଲା ଯୁକ୍ତି କରିଛନ୍ତି।

ଗୋଟିଏ ଦଳର ଦୁଇଜଣ ନେତା ତଥା ସରକାରଙ୍କ ଦୁଇ ମନ୍ତ୍ରୀ ଗୋଟିଏ ପ୍ରସଙ୍ଗକୁ ନେଇ ନିଜ ଭିତରେ ସହମତି ସୃଷ୍ଟି କରିପାରୁନଥିବା ବେଳେ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଏ ନେଇ କିପରି ସଚେତନତା ସୃଷ୍ଟି କରାଯାଇପାରିବ ତାହା ଏବେ ସବୁ ମହଲରେ ଚିନ୍ତାର ବିଷୟ ହୋଇଛି।

*(ସମ୍ବାଦ - ତା୦୨.୧୦.୦୬)*